# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 January - 2025

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ବଜେଟ୍ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ଗୃହକୁ ସମ୍ବୋଧନ କଲେ ରାଷ୍ଟ୍ରପତି; କହିଲେ, ମହିଳାଙ୍କ ନେତୃତ୍ୱାଧୀନ ବିକାଶ ମାଧ୍ୟମରେ ଦେଶ ସଶକ୍ତ ହେଉଛି
- ଆଗାମୀ ବଜେଟ୍ ଦେଶର ଲୋକଙ୍କ ମଧ୍ୟରେ ଏକ ନୂଆ ବିଶ୍ୱାସ ଓ ଶକ୍ତି ସୃଷ୍ଟି କରିବ; କହିଲେ, ପ୍ରଧାନମନ୍ତ୍ରୀ
- ୨୦୨୪-୨୫ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ସଂସଦରେ ହେଲା ଉପସ୍ଥାପନ
- ରାଜ୍ୟର ଅଷ୍ଟମ ନିର୍ବାଚନ ଆୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କଲେ ମଧୁସୂଦନ ପାଢ଼ୀ

ଏବଂ

- ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଆଜି ଖେଳାଯିବ ୨ଟି ମ୍ୟାଚ୍

# ବଜେଟ୍ ଅଧିବେଶନ

ସଂସଦର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଧିବେଶନର ପ୍ରଥମ ଦିନରେ ଉଭୟ ଗୃହକୁ ସମ୍ବୋଧିତ କରି କହିଛନ୍ତି, ଦେଶର ସମ୍ବିଧାନ ପ୍ରଣୟନର  ୭୫ ବର୍ଷ ପୂର୍ତ୍ତି ସହ ଭାରତୀୟ ଗଣତନ୍ତ୍ର ୭୫ ବର୍ଷର ଯାତ୍ରା ପୂରଣ କରିଛି । ଗଣତନ୍ତ୍ରର ଜନ୍ମଭୂମି ଭାବେ ଭାରତ ନୂତନ ଶିଖରରେ ପହଞ୍ଚିବ ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି ।

**- V/O -**

ରାଷ୍ଟ୍ରପତି କହିଛନ୍ତି, ସରକାର ଯୁବବର୍ଗଙ୍କ ପାଇଁ ଶିକ୍ଷା ଓ ସେମାନଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନାର ଆରମ୍ଭ କରାଯାଇଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅଭିଭାଷଣରେ କହିଛନ୍ତି ।

ମହିଳାଙ୍କ ନେତୃତ୍ୱାଧୀନ ବିକାଶ ମାଧ୍ୟମରେ ଦେଶ ଆଜି ସଶକ୍ତ ହେଉଛି । ନାରୀଶକ୍ତି ବନ୍ଦନା ଆଇନ୍ ମାଧ୍ୟମରେ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଷ୍ଟ୍ରପତି କହିଛନ୍ତି ।

**- V/O -**

ଷ୍ଟାର୍ଟଅପ୍, କ୍ରୀଡା, ଓ ମହାକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଯୁବପିଢ଼ି ଦେଶକୁ ଗର୍ବିତ କରୁଛନ୍ତି। 'ମାଇଁ ଭାରତ' ପୋର୍ଟାଲ ଜରିଆରେ ଲକ୍ଷ ଲକ୍ଷ ଯୁବକ-ଯୁବତୀ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ଯୋଡ଼ି ହେଉଛନ୍ତି।

**- V/O -**

ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଧୁନିକ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ଶିକ୍ଷାରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ମାତୃଭାଷାରେ ଶିକ୍ଷାର ସୁଯୋଗ ଦିଆଯାଉଛି।

ମହାମାରୀ ପରବର୍ତ୍ତୀ ପରିସ୍ଥିତି ଏବଂ ଯୁଦ୍ଧ ଭଳି ବିଶ୍ୱବ୍ୟାପୀ ସଙ୍କଟ ସତ୍ତ୍ୱେ ଭାରତୀୟ ଅର୍ଥନୀତିର ସ୍ଥିରତା ଏହାର ସୁଦୃଢ଼ତାର ପ୍ରମାଣ ପ୍ରତିପାଦିତ କରୁଛି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି।

ଡିଜିଟାଲ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଏକ ପ୍ରମୁଖ ବୈଶ୍ୱିକ ପ୍ରତିଯୋଗୀ ଭାବେ ନିଜର ଉପସ୍ଥିତି ଜାହିର କରୁଛି। ଡିଜିଟାଲ କାରବାର କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ଗୋଷ୍ଠୀ ମଧ୍ୟରେ ସୀମିତ ହୋଇ ରହିନାହିଁ; ଏହାଦ୍ୱାରା ଛୋଟ ବ୍ୟବସାୟୀ ମଧ୍ୟ ଉପକୃତ ହେଉଛନ୍ତି। ଭାରତର ମେଟ୍ରୋ ରେଳ ନେଟ୍‌ୱର୍କ ଏବେ ୧ ହଜାର କିଲୋମିଟରର ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛି।

କେନ୍ଦ୍ର ସରକାରଙ୍କ  ସଫଳତାକୁ ଅଭୂତପୂର୍ବ ବୋଲି ବିବେଚନା କରିବା ସହିତ ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତର ବିକାଶ ଯାତ୍ରାର ଏହି ଅମୃତ କାଳକୁ ନୂତନ ଶକ୍ତି ପ୍ରଦାନ କରିଛି।

କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତକୁ ଆଗକୁ ନେବାକୁ 'ଇଣ୍ଡିଆ ଏଆଇ ମିଶନ' ଆରମ୍ଭ କରାଯାଇଛି । ନ୍ୟାସନାଲ କ୍ୱାଣ୍ଟମ ମିଶନ ଜରିଆରେ ଭାରତ ଏହି ଜ୍ଞାନକୌଶଳରେ ଅଗ୍ରଣୀ ଦେଶ ମାନଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିବାରେ ସକ୍ଷମ ହୋଇଛି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି ।

ବଜେଟ୍ ଅଧିବେଶନର ପ୍ରଥମ ଦିନରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଗୃହକୁ ସମ୍ବୋଧନ କରି କହିଛନ୍ତି, ୨୦୨୫-୨୬ ଆର୍ଥିକବର୍ଷର ବଜେଟ ଲୋକଙ୍କ ମଧ୍ୟରେ ଏକ ନୂଆ ବିଶ୍ୱାସ  ଓ ନୂଆ ଶକ୍ତି ସୃଷ୍ଟି କରିବ। ୨୦୪୭ ମସିହାରେ ଦେଶ ସ୍ୱାଧୀନତାର ଶହେ ବର୍ଷ ପୂରଣ କରିବା ସହ ବିକଶିତ ଭାରତ ସଂକଳ୍ପ ପୂରଣ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି।

# ପାର୍ଲାମେଣ୍ଟ-ଆଡଜର୍ଣ୍ଣ

ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ପରେ ଉଭୟ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି ।  ଉଭୟ ଗୃହରେ ଦିବଂଗତ ସଦସ୍ୟଙ୍କ

ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି।

ଆସନ୍ତାକାଲି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ସଂସଦରେ ବଜେଟ୍ ଉପସ୍ଥାପନ କରିବେ । ସୂଚନା ଅନୁଯାୟୀ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ବଜେଟ୍ ଉପରେ ଆଲୋଚନା ହେବ । ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୦ ତାରିଖରୁ ଆରମ୍ଭ ହେବ । ବଜେଟ୍ ଅଧିବେଶନ କାଳରେ ୧୬ଟି ବିଲ୍ ଉପସ୍ଥାପନ କରାଯିବ।

## ବଜେଟ୍ ପ୍ରତିକ୍ରିୟା

ବଜେଟ୍‌ର ରୂପରେଖ ଏବଂ ବଜେଟ୍‌କୁ ନେଇ ବିଶେଷଜ୍ଞ, ଅର୍ଥନୀତିଜ୍ଞ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ବହୁ ଆଶା ଓ ଆକାଂକ୍ଷା ଦେଖା ଦେଇଛି । ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କଠାରୁ ପ୍ରାକ୍ ବଜେଟ୍ ପ୍ରତିକ୍ରିୟା ସଂଗ୍ରହ କରାଯାଇଛି। ଏ ନେଇ **ଗଞ୍ଜାମ** ଜିଲ୍ଲା ଖଲ୍ଲିକୋଟର ଶିକ୍ଷାବିତ୍ **ପୂର୍ଣ୍ଣଚନ୍ଦ୍ର ରଥ** କହିଛନ୍ତି...

**- V/O –**

## ବାରବାଟୀ-ମୁଖ୍ୟମନ୍ତ୍ରୀ

କଟକ ବାରବାଟୀ ଷ୍ଟାଡିୟମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ଏକ ଦିବସୀୟ କ୍ରିକେଟ୍ ମ୍ୟାଚ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କ୍ଷେତ୍ର ଅନୁଧ୍ୟାନ ପରେ

ମ୍ୟାଚ୍ ଆୟୋଜନ ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ-ଓସିଏ'ର ପ୍ରସ୍ତୁତି ସନ୍ତୋଷଜନକ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପରିଦର୍ଶନ ସମୟରେ କ୍ରୀଡାମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନିର୍ବାଚନ ଆୟୁକ୍ତ ଦାୟିତ୍ୱ

ରାଜ୍ୟର ଅଷ୍ଟମ ନିର୍ବାଚନ ଆୟୁକ୍ତ ଭାବେ ମଧୁସୂଦନ ପାଢ଼ୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ଭୁବନେଶ୍ୱର ତୋଷାଳୀ ଭବନ ସ୍ଥିତ ରାଜ୍ୟ ନିର୍ବାଚନ କମିଶନ କାର୍ଯ୍ୟାଳୟରେ ତାଙ୍କୁ ପୂର୍ବତନ ନିର୍ବାଚନ ଆୟୁକ୍ତ ଆଦିତ୍ୟ ପ୍ରସାଦ ପାଢ଼ୀ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ପଂଚାୟତ ଓ ପୌର ନିର୍ବାଚନକୁ ଶୃଙ୍ଖଳିତ ଭାବେ ସମାପନ କରିବା ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ପାଢ଼ୀ ଗଣମାଧ୍ୟମକୁ କହିଛନ୍ତି।

## ଶ୍ରୀପଞ୍ଚମୀ-ରତ୍ନଭଣ୍ଡାର

ଶ୍ରୀପଞ୍ଚମୀ ଏବଂ ବନକଲାଗି ଆଦି ବିଶେଷ ନୀତିକାନ୍ତିକୁ ଦୃଷ୍ଟିରେ ରଖି ଆସନ୍ତା ୨, ୩, ୫ ଓ ୬ ତାରିଖରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସ୍ଥଗିତ ରଖାଯାଇଥିବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି। ଏହି ୪ ଦିନ ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଓ ଶ୍ରୀମନ୍ଦିର ପ୍ରଶାସନର ବ୍ୟବସ୍ଥା ଅନୁସାରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଚାଲୁ ରହିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

## ଜାତୀୟ ସମ୍ମିଳନୀ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଜୀବ ବିଜ୍ଞାନ ଏବଂ ଜୈବ ପ୍ରଯୁକ୍ତିରେ ଉଦୀୟମାନ ଧାରା ଉପରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ନୌ ଜାତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଅଜିତ କୁମାର ସସାନୀ ମୁଖ୍ୟଅତିଥି ଏବଂ ଭୁବନେଶ୍ୱର ଓୟୁଏଟିର ପୂର୍ବତନ ପ୍ରଫେସର ଜ୍ଞାନରଞ୍ଜନ ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଗବେଷଣା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରୁ ଗବେଷକ, ଗବେଷିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ସଚେତନତା ଶିବିର

**ନୟାଗଡ଼** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସାମ୍ବିଧାନିକ କର୍ତ୍ତବ୍ୟ ଓ ଅଧିକାର ସମ୍ବନ୍ଧରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଚେତନତା ଶିବିରକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ ଉଦ୍‌ଘାଟନ କରିଥିଲେ। ସମ୍ବିଧାନର ୩୨ ଧାରାରେ ଥିବା ବିଧି ବ୍ୟବସ୍ଥା ସମ୍ପର୍କରେ ବୁଝାଇବା ସହ ଜଣେ ଭାରତୀୟ ନାଗରିକର ୬ଟି ପ୍ରମୁଖ କର୍ତ୍ତବ୍ୟ ଓ ୧୧ଟି ଅଧିକାର ବିଷୟରେ ପ୍ରାଧିକରଣ ସଚିବ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

## ଟୋକେନ୍ ଅବଧି ବୃଦ୍ଧି

ଜିଲ୍ଲାର କୌଣସି ଚାଷୀଙ୍କ ଟୋକେନ୍ କ୍ଷତି ହେବାକୁ ଦିଆଯିବ ନାହିଁ ଏବଂ ଆବଶ୍ୟକ ପଡିଲେ ଏହାର ସମୟସୀମାକୁ ବୃଦ୍ଧି କରାଯିବ ବୋଲି **ଗଞ୍ଜାମ**

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି। ଚାଷୀମାନଙ୍କ ଟୋକେନ୍ ଅବଧି ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲ୍ଲାର ୧ ହଜାର ୮୦ ଚାଷୀଙ୍କ ଟୋକେନ୍ ଅବଧି ଆଉ ୧୫ ଦିନ ବୃଦ୍ଧି କରଯାଇଛି। ଆଗାମୀ ଦିନରେ ମଧ୍ୟ ଆବଶ୍ୟକ ପଡିଲେ ଟୋକେନ୍ ସମୟ ବୃଦ୍ଧି କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଟୋକେନ୍ କ୍ଷତି ହେବା ନେଇ ହେଉଥିବା ଗୁଜବକୁ ବିଶ୍ୱାସ ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଟୋକେନ୍ ଅବଧି ବୃଦ୍ଧି କରିବାକୁ ଚାହୁଁଥିବା ଚାଷୀମାନେ ଧାନ ସଂଗ୍ରହ କାର୍ଯ୍ୟରେ ନିୟୋଜିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତକୁ ଲିଖିତ ଭାବେ ଜଣାଇ ପାରିବେ। ଏଥିସହିତ ଅନଲାଇନ୍‌ରେ ସମବାୟ ସମିତି ସମ୍ପାଦକଙ୍କ ଜରିଆରେ ଡି.ଆର.ସି.ଏସଙ୍କଠାରେ ଆବେଦନ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମାଣ୍ଡିଆ ମଣ୍ଡି

**ନବରଙ୍ଗପୁର** ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ଜୁନାପାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାଣ୍ଡିଆ ମଣ୍ଡିକୁ ବିଧାୟକ ମନୋହର ରନ୍ଧାରୀ ଉଦ୍‌ଘାଟନ କରିଛନ୍ତି। ଏହି ମଣ୍ଡିରେ ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟ କୁଇଣ୍ଟାଲ ପିଛା ୪ ହଜାର ୨୯୦ ଟଙ୍କା ଏବଂ ୨୧୦ ଟଙ୍କା ବୋନସ୍ ହିସାବରେ ଚାଷୀମାନେ ମାଣ୍ଡିଆ ବିକ୍ରୀ କରି ମୋଟ ୪ ହଜାର ୫୦୦ ଟଙ୍କା ପାଇପାରିବେ। ଏହି ଅର୍ଥ ରାଶି ସିଧାସଳଖ ଚାଷୀର ବ୍ୟାଙ୍କ ଖାତାରେ ଜମା ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ହକି

ହକି ଇଣ୍ଡିଆ ଲିଗ୍‌ରେ ୨ଟିଯାକ ସେମିଫାଇନାଲ୍ ମ୍ୟାଚ୍ ଆଜି ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଖେଳାଯିବ। ପ୍ରଥମ ମ୍ୟାଚ୍ ସନ୍ଧ୍ୟା ୬ଟାରେ ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଖେଳାଯିବ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ଟି ରାତି ୮ଟା ୧୫ ମିନିଟ୍‌ରେ ଜେ.ଏସ୍.ଡବ୍ଲୁ. ସୁର୍‌ମା ହକି କ୍ଲବ୍’ ଏବଂ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ହେବ।

*********************************